


ସମ୍ବାଦ

# ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଶିକ୍ଷକ-ଅଭିଭାବକ ସମ୍ମିଳନୀ

ସାଲେପୁର, ୨୯।୧ (ଇମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ (ସମ୍ମାନ) ବିଭାଗ ପକ୍ଷରୁ ଶିକ୍ଷକ-ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସଂଗୀତା ମିଶ୍ର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଡକ୍ଟର ସ୍ୱାତୀ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଅଧ୍ୟାପିକା ଡକ୍ଟର କ୍ଷଣପ୍ରଭା ମହାନ୍ତି ବିଭାଗର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ଡକ୍ଟର ଉମେଶ ସେଠୀ, କିରଣବାଳା ବେହେରା, ମହେଶଚନ୍ଦ୍ର କର, ସୁଜାତା ଦାସ, ଗୌରାଙ୍ଗଚରଣ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଧ୍ୟାପିକା ଡକ୍ଟର ଅଞ୍ଜୁମ୍ ହସନ୍ ଧନ୍ୟବାଦ ଦେଇଥିଲେ।



CUTTACK Edition
Page No.13 January 30, 2023